ତରଳ ସାବୁନ୍‌ର ମିଶ୍ରଣ କିମ୍ୱା

- ଏକର ପିଛା ୮୦୦ ଗ୍ରାମରୁ ୧୨୦୦ ଗ୍ରାମ ଡିଟରଜେଣ୍ଟ ପାଉଡରର ବ୍ୟବହାର ଇତ୍ୟାଦି ।

## ଜାଆଁଳ ଛାଡ଼ିବା ସମୟରେ ନର୍ସରୀ ପୋଖରୀର ପରିଚାଳନା

ନର୍ସରୀ ପୋଖରୀ ପ୍ରସ୍ତୁତି ସରିଲାପରେ ୩-୪ ଦିନର ଗୁଣ୍ଡ ଜାଆଁଳ କିଛି ଆଣି ନର୍ସରୀ ପୋଖରୀରେ ଏକ ହାପା ମଧ୍ୟରେ ଗୋଟିଏ ଦିନ ରଖି ନଜର କରିବେ । ଯଦି ଗୁଣ୍ଡ ଜାଆଁଳଗୁଡ଼ିକ ମହୁଲ ପିଡ଼ିଆ କିମ୍ୱା ଅନ୍ୟାନ୍ୟ ମାଛମରା ବିଷାକ୍ତ ଦ୍ରବ୍ୟର ପ୍ରୟୋଗର ପ୍ରଭାବରେ ନ ମରନ୍ତି, ତେବେ ତା' ପରଦିନ ସକାଳେ ଏକର ପିଛା ୧୨ ଲକ୍ଷରୁ ୨୦ ଲକ୍ଷ ଗୁଣ୍ଡ ଜାଆଁଳ ଛାଡ଼ିବା ଭଲ । ସାଧାରଣତଃ କେବଳ ଗୋଟିଏ ଜାତିର ଗୁଣ୍ଡ ଜାଆଁଳ ଗୋଟିଏ ନର୍ସରୀ ପୋଖରୀରେ ଛାଡ଼ିବା ପାଇଁ ଅନୁମୋଦନ କରାଯାଇଥାଏ ।

## ଜାଆଁଳ ଛାଡ଼ିବା ପରବର୍ତ୍ତୀ ସମୟର ପରିଚାଳନା

ଜାଆଁଳ ଛାଡ଼ିବା ପରେ ପୂର୍ବଲିଖିତ ମାତ୍ରାର ଗୋବର ଖତ, ପିଡ଼ିଆ ଓ ସିଙ୍ଗଲ ସୁପର ଫସ୍‌ଫେଟସ୍‌କୁ ୨-୩ କିସ୍ତି କରି ୧୫ ଦିନ ପ୍ରୟୋଗ କରାଯାଏ । ଏତଦ୍‌ବ୍ୟତୀତ ପ୍ରଥମ ୫ ଦିନରେ ୧୦ ଲକ୍ଷ ଗୁଣ୍ଡ ଜାଆଁଳ ପିଛା ୩ କେ.ଜି. ବାଦାମ ପିଡ଼ିଆ ଗୁଣ୍ଡ ଓ ୩ କେ.ଜି. କୁଣ୍ଡାର ମିଶ୍ରଣକୁ ପ୍ରତ୍ୟେକ ଦିନ ୨ ଥର ଦିଆଯାଏ । ଅବଶିଷ୍ଟ ୧୦ ଦିନରେ ୧୦ ଲକ୍ଷ ଜାଆଁଳ ପିଛା ୬ କେ.ଜି. ବାଦାମ ପିଡ଼ିଆ ଗୁଣ୍ଡ ଓ ୬ କେ.ଜି. କୁଣ୍ଡାର ମିଶ୍ରଣକୁ ପ୍ରତ୍ୟେକ ଦିନ ୨ ଥର ଦିଆଯାଏ । ଗୁଣ୍ଡ ଜାଆଁଳକୁ ୧୫ ଦିନ ପର୍ଯ୍ୟନ୍ତ ଉପରୋକ୍ତ ପ୍ରଣାଳୀରେ ପାଳନ କଲେ ଧାନୁଆ ଜାଆଁଳ ଉତ୍ପନ୍ନ ହୋଇଥାଏ । ଧାନୁଆ ଜାଆଁଳ ଅମଳ କରିବାର ପୂର୍ବଦିନ କୃତ୍ରିମ ଖାଦ୍ୟ ଦେବା ବନ୍ଦ କଲେ ଭଲ । ଏପରିକି ନର୍ସରୀ ପୋଖରୀରେ କୌଣସି ପ୍ରତିକୂଳ ଅବସ୍ଥା ଦେଖାଦେଲେ କୃତ୍ରିମ ଖାଦ୍ୟ ଦେବା ବନ୍ଦ କରିବା ଭଲ ।

ନର୍ସରୀ ପୋଖରୀରୁ ୧୫ ଦିନ ପରେ ଧାନୁଆ ଜାଆଁଳକୁ ଅମଳ କରିନେଇ ରିଅରିଙ୍ଗ୍ ପୋଖରୀରେ ଛଡ଼ାଯାଏ ଏବଂ ସେହି ନର୍ସରୀ ପୋଖରୀକୁ ପୁଣି ପ୍ରସ୍ତୁତ କରି ଗୁଣ୍ଡ ଜାଆଁଳ ଛାଡ଼ି ଧାନୁଆ ଜାଆଁଳ ପ୍ରସ୍ତୁତ କରାଯାଏ । ଏହିପରି ଭାବେ ଗୋଟିଏ ନର୍ସରୀ ପୋଖରୀକୁ ବର୍ଷା ଦିନରେ ୨-୩ ଥର ଧାନୁଆ ଜାଆଁଳ ଉତ୍ପନ୍ନ ପାଇଁ ବ୍ୟବହାର କରାଯାଇପାରିବ ।

## ନର୍ସରୀ ପୋଖରୀ ପରିଚାଳନାର ଆୟବ୍ୟୟର ସମୀକ୍ଷା

| ବ୍ୟୟ | ଏକର ପିଛା (ଟଙ୍କା) |
| --- | --- |
| ୧. ପୋଖରୀର ଲିଜ୍ ମୂଲ୍ୟ | ୪୦୦୦.୦୦ |
| ୨. ବ୍ଲିଚିଙ୍ଗ୍ ପାଉଡର/ଅନ୍ୟାନ୍ୟ ମାଛ ମରା ବିଷାକ୍ତ ଔଷଧ | ୨୦୦୦.୦୦ |
| ୩. ଖତ ଓ ସାର | ୩୫୦୦.୦୦ |
| ୪. ଗୁଣ୍ଡ ଜାଆଁଳ (୨୦ ଲକ୍ଷ, ୧୦ ଲକ୍ଷ ପିଛା ୫୦୦୦ ଟଙ୍କା) | ୧୦୦୦୦.୦୦ |
| ୫. କୃତ୍ରିମ ଖାଦ୍ୟ (୩୦୦ କେ.ଜି., ୧ କେ.ଜି. ପିଛା ୧୮.୫୦ ଟଙ୍କା) | ୫୫୦୦.୦୦ |
| ୬. ମାଛ ମରା ଓ ଜଗାରଖା ଖର୍ଚ୍ଚ | ୩୦୦୦.୦୦ |
| ୭. ଅନ୍ୟାନ୍ୟ ଖର୍ଚ୍ଚ | ୩୦୦୦.୦୦ |
| **ସମୁଦାୟ ଖର୍ଚ୍ଚ** | **୩୧୦୦୦.୦୦** |

ଆୟ

ଧାନୁଆ ଜାଆଁଳ ବିକ୍ରୀରୁ ଆୟ (୭ ଲକ୍ଷ), = ୯୮୦୦୦.୦୦
୧ ଲକ୍ଷ ଜାଆଁଳ ପିଛା ଟଙ୍କା ୧୪,୦୦୦/-)

ଲାଭ = ଆୟ-ବ୍ୟୟ = ୯୮୦୦୦-୩୧୦୦୦ = ୬୭,୦୦୦ ଟଙ୍କା

ଗୋଟିଏ ବର୍ଷା ଋତୁରେ ଅନ୍ୟୁନ ୨ ଥର ଧାନୁଆ ଜାଆଁଳ ଉତ୍ପାଦନ କରାଯାଇପାରିବ ।

ତେଣୁ ଏକର ପିଛା ମୋଟ ଲାଭ = ୬୭,୦୦୦ X ୨ = ୧,୩୪,୦୦୦ ଟଙ୍କା ଏକ ବର୍ଷ ଭିତରେ ।

# ନର୍ସରୀ ପୋଖରୀ ପରିଚାଳନା ନିମନ୍ତେ ବୈଷୟିକ ସୂଚନା




**ଲେଖିକା ଓ ସଂପାଦିକା**
**କୁମାରୀ ରଶ୍ମୀପ୍ରଭା ମିଶ୍ର**
କାର୍ଯ୍ୟକ୍ରମ ସହାୟକ (ମତ୍ସ୍ୟ ବିଜ୍ଞାନ)

**ମୁଖ୍ୟ ସଂପାଦକ**
**ଶ୍ରୀଯୁକ୍ତ ନିରଞ୍ଜନ ଦାସ**
କାର୍ଯ୍ୟକ୍ରମ ସଂଯୋଜକ


## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

ବଞ୍ଚି ରହିବା ପାଇଁ ଓ ନିଜକୁ କର୍ମ ଉପଯୋଗୀ କରିବା ପାଇଁ ଆମର ଉତ୍ତମ ଖାଦ୍ୟ ଦରକାର । ଏହି ଖାଦ୍ୟ ଆମକୁ ଶସ୍ୟ, ପନିପରିବା, ମାଛ, ମାଂସ ଓ ଅଣ୍ଡା ଜାତୀୟ ପଦାର୍ଥରୁ ମିଳିଥାଏ । ଏହିସବୁ ଖାଦ୍ୟ ପଦାର୍ଥ ମଧ୍ୟରୁ ମାଛ ଏକ ଉତ୍ତମ ପୁଷ୍ଟିସାର ଖାଦ୍ୟ ଅଟେ, ଯାହା ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ତୁଳନାରେ କମ୍ ଦାମ୍‌ରେ ଓ ସୁବିଧାରେ ମିଳିଥାଏ । ତେଣୁ ଏକ ସଫଳ ମାଛ ଚାଷ ପାଇଁ ଉନ୍ନତ କିସମର ବିହନ ନିତାନ୍ତ ଜରୁରୀ । ଆମ ଜିଲ୍ଲାରେ ଅନେକ ଚାଷୀ ଭାଇ ମାନଙ୍କର ନିଜର ଛୋଟ ଛୋଟ ପୋଖରୀ ରହିଛି, ଯେଉଁଥିରେ ଗୁଣ୍ଡ ଜାଆଁଳ ଛାଡ଼ି ସେଥିରୁ ଉନ୍ନତମାନର ବିହନ କରାଯାଇ ପାରିବ । ଏହାଦ୍ୱାରା ମାଛ ଚାଷୀମାନେ ନିଜକୁ ଆତ୍ମନିଯୁକ୍ତି ଦେଇ ଆୟ ଉପାର୍ଜନ କରିପାରିବେ ।

ଶରୀର ଆକୃତି ଅନୁସାରେ ସାଧାରଣତଃ ମାଛ ଜାଆଁଳଗୁଡ଼ିକ ତିନି ଭାଗରେ ବିଭକ୍ତ । ଯଥା :-

(୧) ସ୍ପନ (ଗୁଣ୍ଡ ଜାଆଁଳ) : ୧ ରୁ ୮ ମିଲିମିଟର ଲମ୍ବ

(୨) ଫ୍ରାଏ (ଧାନୁଆ ଜାଆଁଳ) : ୮ରୁ ୪୦ ମିଲିମିଟର ଲମ୍ବ

(୩) ଫିଙ୍ଗର ଲିଙ୍ଗ (ଆଙ୍ଗୁଳି ଆକାରର ଜାଆଁଳ) : ୪୦ରୁ ୧୫୦ ମିଲିମିଟର ଲମ୍ବ

ଗୁଣ୍ଡ ଜାଆଁଳରୁ ଆଙ୍ଗୁଳି ଆକାରର ଜାଆଁଳ ପ୍ରସ୍ତୁତ କରିବା ପାଇଁ ୨ଟି ସୋପାନର ପରିଚାଳନା କରାଯାଏ । ସେଗୁଡ଼ିକ ହେଲା :

**(୧) ନର୍ସରୀ ପୋଖରୀ ପରିଚାଳନା :** ଏଥିରେ ୩-୪ ଦିନର ଗୁଣ୍ଡ ଜାଆଁଳକୁ ୧୫-୨୦ ଦିନ ପର୍ଯ୍ୟନ୍ତ ଲାଳନ ପାଳନ କରି ଧାନୁଆ ଜାଆଁଳ ଉତ୍ପାଦନ କରାଯାଏ ।

**(୨) ରିଅରିଙ୍ଗ ପୋଖରୀ ପରିଚାଳନା :** ଏଥିରେ ଧାନୁଆ ଜାଆଁଳକୁ ୨-୩ ମାସ ପର୍ଯ୍ୟନ୍ତ ଲାଳନ ପାଳନ କରି ଆଙ୍ଗୁଳି ଆକାରର ଜାଆଁଳ ଉତ୍ପାଦନ କରାଯାଏ ।

ଉପରୋକ୍ତ ଦୁଇଟି ସୋପାନ ମଧ୍ୟରୁ ନର୍ସରୀ ପୋଖରୀର ପରିଚାଳନା ଏକ ମୁଖ୍ୟ ସୋପାନ ଯାହାକୁ ଚାଷୀ ଭାଇମାନେ ଉପଯୁକ୍ତ ଭାବରେ କରିବାକୁ ପଡ଼ିବ । ଏହି ନର୍ସରୀ ପୋଖରୀର ପରିଚାଳନା ଜାଆଁଳ ଛାଡ଼ିବା ପୂର୍ବରୁ ଜାଆଁଳ ଛାଡ଼ିବା ସମୟରେ ଏବଂ ଜାଆଁଳ ଛାଡ଼ିବା ପରେ ଭଲ ଭାବରେ କରିବାକୁ ହୋଇଥାଏ ।

## ନର୍ସରୀ ପୋଖରୀର ପରିଚାଳନା

ବର୍ଷାଦିନେ ୩ରୁ ୫ ଫୁଟ ପାଣି ରହିପାରୁଥିବା ଛୋଟ ଛୋଟ ଗାଡ଼ିଆ ଯାହାର ଆକାର ୫ରୁ ୨୫ ଡିସିମିଲି, ସେଗୁଡ଼ିକ ନର୍ସରୀ ପୋଖରୀ ପରିଚାଳନା ପାଇଁ ଉପଯୁକ୍ତ ଅଟେ । ନର୍ସରୀ ପୋଖରୀର ପରିଚାଳନା ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ହେବ ଯଥା :-

## ଜାଆଁଳ ଛାଡ଼ିବା ପୂର୍ବରୁ ନର୍ସରୀ ପୋଖରୀ ପ୍ରସ୍ତୁତିକରଣ

ଗୁଣ୍ଡ ଜାଆଁଳ ଛାଡ଼ିବାର ୧-୨ ମାସ ପୂର୍ବରୁ ନର୍ସରୀ ପୋଖରୀକୁ ନିମ୍ନଲିଖିତ ଭାବେ ପ୍ରସ୍ତୁତ କରିବା ଆବଶ୍ୟକ ।

**୧. ଅନାବନା ଘାସ, ଦଳ, ଶିକାରୀ ମାଛ ଓ ଅନ୍ୟାନ୍ୟ ଅଦରକାରୀ ମାଛ ଦୂରୀକରଣ :**

- ଶୁଖି ପାରୁଥିବା ନର୍ସରୀ ପୋଖରୀଗୁଡ଼ିକୁ ବର୍ଷାଦିନର ପୂର୍ବରୁ ଭଲଭାବେ ଶୁଖାଇ ହଳ କରିଦିଆଯାଏ । ଶୁଖି ନ ପାରୁଥିବା ପୋଖରୀଗୁଡ଼ିକରୁ ଅଦରକାରୀ ଘାସ ଓ ଦଳ ଇତ୍ୟାଦିକୁ ଲୋକ ଲଗେଇ ସଫା କରିବା ଉଚିତ୍ । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାରର ଶିକାରୀ ମାଛ ଯଥା : ବାଲିଆ, ଗଡ଼ିଶା, ଶେଉଳ ଏବଂ ଅନ୍ୟାନ୍ୟ ଅଦରକାରୀ ମାଛ ଯଥା : କେରାଣ୍ଡି, ମହୁରାଳୀ ଇତ୍ୟାଦି ମଧ୍ୟ ପୋଖରୀରୁ ସଫା କରିବା ଉଚିତ୍ ।
- ବାରମ୍ବାର ଜାଲ ଟାଣି ବିଭିନ୍ନ ପ୍ରକାରର ଶିକାରୀ ମାଛ ଏବଂ ଅନ୍ୟାନ୍ୟ ଅଦରକାରୀ ମାଛ ସଫା କରାଯାଇପାରିବ ।
- କିମ୍ବା ୩ ଫୁଟ ପାଣି ରହୁଥିବା ୧ ଏକର ନର୍ସରୀ ପୋଖରୀରେ ଜାଆଁଳ ଛାଡ଼ିବାର ୧ ମାସ ଆଗରୁ ୧୦ କ୍ୱିଣ୍ଟାଲ୍ ମହୁଲ ପିଡ଼ିଆ ପ୍ରୟୋଗ କଲେ ଶିକାରୀ ମାଛ ସମ୍ପୂର୍ଣ୍ଣ ରୂପେ ମରିଯିବେ । ମହୁଲ ପିଡ଼ିଆ ଶିକାରୀ ମାଛକୁ ମାରିବା ସହିତ ଜୈବିକ ସାର ଭାବେ ବ୍ୟବହାର କରାଯାଇପାରେ ।
- ମହୁଲ ପିଡ଼ିଆ ନ ମିଳିଲେ ଜାଆଁଳ ଛାଡ଼ିବାର ୧ ମାସ ଆଗରୁ ବ୍ଲିଚିଙ୍ଗ୍ ପାଉଡର କିମ୍ବା ବ୍ଲିଚିଙ୍ଗ୍ ପାଉଡର ସହିତ ୟୁରିଆ ପ୍ରୟୋଗ କରାଯାଇପାରିବ । ୩ ଫୁଟ ପାଣି ରହୁଥିବା ୧ ଏକର ପୋଖରୀରେ ୧୦୦ କେ.ଜି. ବ୍ଲିଚିଙ୍ଗ୍ ପାଉଡର କିମ୍ବା ୪୦ କେ.ଜି. ୟୁରିଆ ପ୍ରୟୋଗ କରିବାର ଦିନକ ପରେ ୭୦ କେ.ଜି. ବ୍ଲିଚିଙ୍ଗ୍ ପାଉଡର ପ୍ରୟୋଗ କରି ଶିକାରୀ ମାଛକୁ ଦମନ କରାଯାଇପାରିବ ।

**୨. ସାର ଓ ଖତ ପ୍ରୟୋଗ :** ମାଟି ଓ ପାଣିର ଅମ୍ଳତା ଏବଂ କ୍ଷାରତ୍ୱକୁ ଲକ୍ଷ୍ୟ ରଖି ଚୂନ ପ୍ରୟୋଗ କରାଯାଏ । ଗୋଟିଏ ସାଧାରଣ ନର୍ସରୀ ପୋଖରୀରେ ଏକର ପିଛା ୧ କ୍ୱିଣ୍ଟାଲ ଚୂନ ପ୍ରୟୋଗ କରାଯାଇଥାଏ । ଚୂନ ପ୍ରୟୋଗ ପରେ ମାଛର ପ୍ରାକୃତିକ ଖାଦ୍ୟ (ପ୍ଲାଙ୍କଟନ୍) ଉତ୍ପାଦନ ବଢ଼େଇବା ପାଇଁ ଖତ ଓ ସାର ପ୍ରୟୋଗ କରାଯାଇଥାଏ । ସାଧାରଣତଃ ୧ ଏକର ନର୍ସରୀ ପୋଖରୀରେ ୧୫-୨୦ ଦିନ ପାଇଁ ୩୦୦ କେ.ଜି. ବାଦାମ ପିଡ଼ିଆ, ୮୦ କେ.ଜି. ଗୋବର ଖତ ଏବଂ ୨୦ କେ.ଜି. ସିଙ୍ଗଲ ସୁପର ଫସ୍‌ଫେଟ୍ ମିଶାଇ ପ୍ରୟୋଗ କଲେ ପ୍ରଚୁର ପରିମାଣର ପ୍ଲାଙ୍କଟନ୍ ପାଣିରେ ମିଳିଥାଏ । ଉପରୋକ୍ତ ଖତ ପିଡ଼ିଆ ଓ ସାରର ଅଧା ପରିମାଣକୁ ପ୍ରଥମ କିସ୍ତିରେ ଜାଆଁଳ ଛାଡ଼ିବାର ୩ ଦିନ ପୂର୍ବରୁ ପ୍ରୟୋଗ କରାଯାଏ । ଅବଶିଷ୍ଟ ସାର, ଖତ ଓ ପିଡ଼ିଆକୁ ନର୍ସରୀ ପୋଖରୀର ପ୍ଲାଙ୍କଟନ୍‌ର ପରିମାଣକୁ ଲକ୍ଷ୍ୟ ରଖି ୨ ରୁ ୩ କିସ୍ତିରେ ୧୫ ରୁ ୨୦ ଦିନ ମଧ୍ୟରେ ପ୍ରୟୋଗ କରାଯାଏ ।

**୩. ଜଳୀୟ ପୋକ ନିୟନ୍ତ୍ରଣ :** ପୋଖରୀରେ ଦେଖାଦେଉଥିବା ଅଦରକାରୀ ଜଳୀୟ ପୋକ ଯଥା : ନୋଟୋନେକ୍ଟା, ରାନାଟ୍ରା, ଆନିଶୋପ୍ ଇତ୍ୟାଦି ପୋକଗୁଡ଼ିକୁ ଜାଆଁଳ ଛାଡ଼ିବା ପୂର୍ବରୁ ସଫା କରିବା ଆବଶ୍ୟକ । ବାରମ୍ବାର ଜାଲ ଟାଣି ଏହି ପୋକଗୁଡ଼ିକୁ କିଛି ପରିମାଣରେ ଅଲଗା କରାଯାଇପାରିବ କିମ୍ବା ନିମ୍ନଲିଖିତ ଉପାୟରେ ଜଳୀୟ ପୋକ ଦୂର କରାଯାଇପାରିବ ଯଥା :

- ଏକର ପିଛା ୨୨ ଲିଟର ଖାଇବା ତେଲ ଓ ୭ କେ.ଜି. ଶସ୍ତା ସାବୁନ୍‌ର ମିଶ୍ରଣର ବ୍ୟବହାର ।
- ଏକର ପିଛା ୪୦ ଲିଟରରୁ ୮୦ ଲିଟର କିରୋସିନିର ବ୍ୟବହାର
- ଏକର ପିଛା ୩୦ ଲିଟର ଡିଜେଲ ଓ ୨୫୦ ମିଲିଲିଟର